# ତହସିଲଦାରଙ୍କ କାର୍ଯ୍ୟାଳୟ, ପଟ୍ଟାଙ୍ଗି

ବିଜ୍ଞପ୍ତି ସଂଖ୍ୟା . ୧୮୪୧/୨୦୨୧ ତା . ୨୧/୦୫/୨୦୨୧

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

[ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ- ୨୦୧୬ ଅନୁଯାୟୀ]

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପଟ୍ଟାଙ୍ଗି ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ (Annexure-I) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡିକୁ ଆସନ୍ତା ୫ ବର୍ଷ(ପାଞ୍ଚ)ନିମନ୍ତେ (୨୦୨୧-୨୦୨୨) ଠାରୁ ୫ ବର୍ଷପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ପ୍ରକାଶ ଥାଉ କି ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି , ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବାପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ,ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

ଇଚ୍ଛୁକ ବ୍ୟକ୍ତିମାନେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ )ଆଇନ- ୨୦୧୬ ବର୍ଣ୍ଣିତ ନିର୍ଦ୍ଧାରିତ ଫର୍ମ –"M "ରେ ପୂରଣ କରି ତତ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ।

୧. ଦରଖାସ୍ତ ଫିସ ବାବଦକୁ ଟ. ୧୦୦୦ ( ଏକ ହଜାର ) ଟଙ୍କା ର ଟ୍ରେଜେରୀ ଚାଲାଣ (Head of Accounts- 0853-Non-Ferrous Mining and Metallurgical Industries -102- Mineral Concession Fees, Rents and Royalties ) ଦାଖଲକରିବେ ଓ ଏହି ଦରଖାସ୍ତ ଫି ଫେରସ୍ତ କରାଯିବନାହିଁ ।

୨. ଦରଖାସ୍ତ କରୁଥିବା ଲଘୁଖଣିଜଉତ୍ସର ସମ୍ପୂର୍ଣ୍ଣ ବିବରଣୀଏହି ବିଜ୍ଞାପନରେ ଥିବା ଉତ୍ସର ନାମ , ଖାତାନଂ , ପ୍ଲଟନଂ, ରକବାଏବଂ କିସମର ସଠିକ ତଥ୍ୟ ଲେଖିବା ବିଧେୟ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ ( Minimum Guaranteed Quantity)ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣର ଏକ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee ) (ଯାହାର ଅବଧି ଅନ୍ତତଃ ଅଠର(୧୮) ମାସ ହେବା ଆବଶ୍ୟକ ) ଦାଖଲ କରିବେ।

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫ ଭାଗ EMD (Earnest Money Deposit)ର ପରିମାଣକୁ ଆବେଦନକାରୀ ତହସିଲଦାର ପଟ୍ଟାଙ୍ଗି ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ, ନିର୍ଦ୍ଧାରିତ ହୋଇଥିବା EMD(Earnest Money Deposit) ର ପରିମାଣକୁ ଆବେଦନକାରୀ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ( Payable at SBI, Main Branch, Pottangi )ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ।

୬. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର/ଅସ୍ଥାବର ସମ୍ପତ୍ତି ର ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ,ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣପତ୍ର ସଂଲଗ୍ନ କରିପାରନ୍ତି ।

୭. ଗତ ବର୍ଷର ଆୟକର ଦାଖଲ ର (Income Tax Return Filing) ବିବରଣୀ ନକଲ ସଂଲଗ୍ନ କରିବେ।

୮. <u>ଏତଦ୍ ବ୍ୟତୀତ ଦରଖାସ୍ତକାରୀ ମାନେ ନିମ୍ନୋକ୍ତ ସର୍ତ୍ତ ଗୁଡିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି</u>

1. ଦରଖାସ୍ତ ଦେବା ପୂର୍ବରୁ ସୈରାତ୍ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ।
2. OMMC Rules-2016 ଆନୁଯାୟୀ ପଥର ଉତ୍ସ ପାଇଁ ପଥରର Royalty ପ୍ରତି ଘନ ମିଟର ପିଛା ୧୩୦/- ଟଙ୍କା ଏବଂ ମୁରୁମ ଉତ୍ସ ପାଇଁ ମୁରୁମ ର Royalty ପ୍ରତି ଘନ ମିଟର ପିଛା ୩୫/- ଟଙ୍କା, ଧାର୍ଯ୍ୟ ହୋଇଅଛି। ଏହା ଅପରିବର୍ତ୍ତିତ। ମାତ୍ର ଯୋଗ୍ୟ ଦରଖାସ୍ତ କାରୀଙ୍କୁ ସାରଣୀ-1 ର ସ୍ତମ୍ଭ -୯ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ (Additional Charge) ଅତିରିକ୍ତ ଦେୟ ର ମୂଲ୍ୟ ଅତିକମରେ Royalty ର ୫% ବା ତଦୁର୍ଦ୍ଧ Quote କରିବାକୁ ପଡିବ । କୈଣସି ପରିସ୍ଥିତିରେ (Additional Charge) ଅତିରିକ୍ତ ଦେୟ ର ମୂଲ୍ୟ ରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ। ଯଦି ଏକାଧିକ ଦରଖାସ୍ତ କାରୀ ସର୍ବୋଚ୍ଚ ସମପରିମାଣର (Additional Charge) ଅତିରିକ୍ତ ଦେୟ ଦାଖଲ ଦେଇ ଥାନ୍ତି ତାହାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ। ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form-"F" ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ। ଏବଂ ତାଙ୍କର ସହମତି ୧୫ ଦିନ ମଧ୍ୟରେ ତହସିଲଦାରଙ୍କ ଲିଖିତ ଆକାରରେ ଜଣାଇବେ।
3. ଉତ୍ସ ପରିଚାଳନା ପୂର୍ବରୁ ନିଲାମଧାରୀଙ୍କୁ E.C ଓ Mining Plan ପ୍ରସ୍ତୁତ ଖର୍ଚ୍ଚ କରିବାକୁ ପଡିବ। ଏହା ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ସାଖା, ରାୟଗଡାଙ୍କ ଠାରୁ CTE (Consent to Establish)/CTO(Consent to Operate)ର ଆଦେଶ ମଧ୍ୟ ଉତ୍ସ ର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟ ରେ ଦାଖଲ ଦେବାକୁ ହେବ।
4. ଏଥିସହ Royalty or Dead rent, Surface Rent , Fees ୧୦୦/- for Compensatory afforestation/ fees for environment management fund(EMF)/fees for District Mineral Foundation (DMF) ଏବଂ Income tax ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act. 2d stamp Act ଅନୁସାରେ ନିମ୍ନ ସାକ୍ଷର କାରୀଙ୍କ ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ। ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଅଗ୍ରାହ୍ୟ କରାଯିବ ।ଏବଂ ଅମାନତ ରାଶି (Security deposit) କୁ ବ୍ୟାଜାପ୍ତ କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅନୁରୂପ ସର୍ତ୍ତ ପାଳନ ସହ ନିଲାମ ନେବା ପାଇଁ ସୁଯୋଗ ପ୍ରଦାନ କରାଯିବ।
5. ଯଦି ନିଲାମଧାରୀଙ୍କ ର Royalty ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କରି ପରିଚାଳନା କରିପାରିବେ।
6. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀ ଠିକ ସମୟରେ ସରକାରୀ ଦେୟ ପଇଠ ନକରନ୍ତି ବା ନିଲାମ ସର୍ତ୍ତାବଳୀ ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀ ଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷର କାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉତ୍ସ ପରିଚାଳନା ପାଇଁ ସୁଯୋଗ ଦିଆଯିବ।

7. ହିସାବ ଅନୁଯାୟୀ ରୟାଲଟି ଏବଂ(Additional Charge) ଅତିରିକ୍ତ ଦେୟ ୫% ଓ ଅନ୍ୟାନ୍ୟ ଦେୟ ନଗଦ କିମ୍ବା Demand Draft ଆକାରରେ ଦାଖଲ କରିବେ।

8. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ Concrete Pillar ଦ୍ୱାରା ବାଡଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନାଫଳକ (display board) ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ,ଏବଂ ଫନ ନମ୍ବର ଉଲ୍ଲେଖ କରିବେ।

9. ବାର୍ଷିକ ମୋଟ ଦେୟର ୨% ଲିଜ ଧାରୀ ଆୟକର ବା TCS ଆକାରରେ ଟଙ୍କା ଜମା କରିବେ।

10.ଲିଜପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

11.ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସୀ ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

12.ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface rent, Dead Rent, DMF, & IT ସରକାରଙ୍କ ଧାର୍ଯ୍ୟ ନିୟମ ଅନୁଯାଇ ଦେବାକୁ ହେବ।

13.ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହାହେଲେ EMD ଓ ଅମାନତ ରାଶି (Security Deposit) ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତ କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେୟ OPDR କେସ ମାଧ୍ୟମରେ ଆଦାୟ କରାଯିବ। ଲିଜ ଚୁକ୍ତିନାମା ଦରଖାସ୍ତ ପରେ ଯଦି କୌଣସି ଲିଜ ଧାରୀ Odisha Minor Mineral Concession Rules - 2016 ଓ Odisha Minor Mineral Concession (Amendment) Rules-2017 ର ଉଲ୍ଲଙ୍ଘନ କରନ୍ତି ତାହାହେଲେ ଲିଜ ଧାରୀଙ୍କର ଲିଜ କୁ ରାଜ୍ୟ ସରକାରଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନ କୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ ରହିଅଛି। ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ-1 ରେ ବର୍ଣ୍ଣିତ ଅଛି।

14. ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ – ଦିଆ ଲଫାପାରେ ରେଜେଷ୍ଟ୍ରି/ସ୍ପିଡ ଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟ,ପଟାଙ୍ଗି ରେ ଥିବା ଜଉମୁଦ – ଦିଆ ଟେଣ୍ଡର ବକ୍ସରେ ତା ୨୪.୦୯.୨୦୨୧ ରିଖରୁ ତା ୧୬.୧୦.୨୦୨୧ ରିଖରୁ. ଅପରାହ୍ନ ୪.୩୦ ଘଟିକା ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ। ଏବଂ ତା .୧୮.୧୦.୨୦୨୧ ରିଖପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି/ଯାଞ୍ଚ କରାଯାଇ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

**ଠିକଣା :**

**ତହସିଲଦାରଙ୍କ କାର୍ଯ୍ୟାଳୟ, ପଟାଙ୍ଗି.**

ଗ୍ରାମ / ପୋଷ୍ଟ – ପଟାଙ୍ଗି, ଜିଲ୍ଲା – କୋରାପୁଟ (ଓଡ଼ିଶା)

ପିନ – ୭୬୪୦୩୯

ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଆବେଦନକାରୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ରୟାଲଟି ମୂଲ୍ୟ ଏବଂ Steel & Mines Department, Govt. Of Odisha ର ଚିଠି ନଂ ୪୫୦୫ ତା. ୨୧.୦୫.୨୦୧୬ ଏବଂ OMMC Rules– 2016 ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଅତିରିକ୍ତ ଦେୟର ପରିମାଣ ରୟାଲଟି ମୂଲ୍ୟର ଶତକଡା ୫ ଠାରୁ କମ ମୂଲ୍ୟ ଦର୍ଶାଇଲେ,ତାହା ଗ୍ରହଣୀୟ ହେବନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମ "F" ରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି , ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା ୨୧.୧୦.୨୦୨୧ ରୁ ତା ୨୭.୧୦.୨୦୨୧ ଯେ କୌଣସି କାର୍ଯ୍ୟଦିବସରେ ଅପରାହ୍ନ ୪.୩୦ ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତ କୁ ତା. ୨୮.୧୦.୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ । ସେହିପରି ଯଦି ଦ୍ୱିତୀୟ ଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସିନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଏ ତେବେ ତୃତୀୟ ଥର ତଥା ଶେଷ ଥର ପାଇଁ ତା. ୩୦.୧୦.୨୦୨୧ ରୁ ୦୫.୧୧.୨୦୨୧ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ରେ ସେହିଦିନ ଅର୍ଥାତ ତା.୦୫ .୧୧.୨୦୨୧ ରିଖ ଅପରାହ୍ନ ୩.୩୦ ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି/ଯାଞ୍ଚ କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ , ତେବେ , ଏହି ଦରଖାସ୍ତଟିକୁ ଖୋଲାନଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରା ନ ଯାଇଥାଏ, ତେବେ ଏହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲାଯିବ ।

ମନୋନୀତ ଆବେଦନକାରୀ Mining Plan ତଥା Environmental Clearance ର ଖର୍ଚ୍ଚ ନିଜେ ବହନ କରିବେ ଏବଂ ଫର୍ମ –N ରେ ନିଜସ୍ୱ ଖର୍ଚ୍ଚରେ ଚୁକ୍ତିପତ୍ର ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଲିଜ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board ର Consent to Operate Order ଏହି କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହବ । ବିନା Consent to Operate Order ରେ ଲିଜ ଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । ପଥର ଉତ୍ସ ପାଇଁ ପଥରର Royalty ପ୍ରତି ଘନ ମିଟର ପିଛା ୧୩୦/- ଟଙ୍କା ଏବଂ ମୁରୁମ ଉତ୍ସ ପାଇଁ ମୁରୁମ ର Royalty ପ୍ରତି ଘନ ମିଟର ପିଛା ୩୫/- ଟଙ୍କା ଅଟେ ।

ଲିଜ ଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହାର ସୀମା ସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଲିଜଧାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି ) ନିୟମ – 2016 ର ଓ ତତ –ପରବର୍ତ୍ତୀ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସଂଲଗ୍ନକ –Annexure-I

ତହସିଲଦାର, ପଟ୍ଟାଙ୍ଗି

ପତ୍ରାଙ୍କ ସଂଖ୍ୟା - ୧୮୪୨/୨୦୨୧

ତା 21.9.21

## Annexure-I

### ସୈରାତଉତ୍ସ ଗୁଡ଼ିକର ବିବରଣୀ

| କ୍ର. ନଂ | ସୈରାତ ଉତ୍ସର ନାମ | ମୌଜାର ନାମ | ସୈରାତ ର ପ୍ରକାର | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ)- ହେକ୍ଟର | କିସମ | ରୟାଲଟି କର (ଟଙ୍କାରେ/ ଘନ ମି. ପ୍ରତି) | ଅତିରିକ୍ତ ଦେୟ (ଟଙ୍କାରେ/ ଘନ ମି. ପ୍ରତି) |
|---|---|---|---|---|---|---|---|---|---|
| ୧ | ପଥର ଖାଦାନ | ଓଲାପାରୁ | ପଥର ଖାଦାନ | ୨୫ | ୩୯ | ଏସି-୪.୮୦<br>ହେ.୧.୯୪୨ | କୁପୁଲି | ୧୩୦.୦୦ | ୮.୦୦ |
| ୨ | ମୁରୁମ | ଓଲାପାରୁ | ମୁରୁମ | ୨୫ | ୨୦୦ | ଏସି.୧୨.୩୦<br>ହେ. ୪.୯୭ | କୁପୁଲି | ୩୫.୦୦ | ୨.୦୦ |
| ୩ | ପଥର ଖାଦାନ | ସର୍ଗିଗୁଡ଼ା | ପଥର ଖାଦାନ | ୭୬ | ୫୦୭ | ଏସି. ୯.୦୦<br>ହେ.୩.୬୪ | ପାହାଡ଼ | ୧୩୦.୦୦ | ୮.୦୦ |
| ୪ | ପଥର ଖାଦାନ | କରଞ୍ଜଗୁଡ଼ା | ପଥର ଖାଦାନ | ୪୧ | ୧୫୭ | ଏସି. ୪.୯୦<br>ହେ.୧.୯୮ | ପାହାଡ଼ | ୧୩୦.୦୦ | ୮.୦୦ |
| ୫ | ମୁରୁମ | ପୁକାଲି | ମୁରୁମ | ୧୮୬ | ୨୪୫ | ଏସି. ୬.୩୦<br>ହେ.୨.୫୪୯ | ପାହାଡ଼ | ୩୫.୦୦ | ୨.୦୦ |